## କଥା- ୧

୨୮ ସେପ୍ଟେମ୍ବର ୨୦୨୦

# ପଦେ କଥାରୁ ୱେବ୍‌ସାଇଟ୍

୨୦୧୯ ମସିହା ସେପ୍ଟେମ୍ବର ମାସ ୧୮ ତାରିଖ। କବିବରଙ୍କ ଜୟନ୍ତୀ ଉତ୍ସବ ଆଉ ଦଶଦିନ ବାକିଥାଏ। ମୁଁ, ସତ୍ୟନାରାୟଣ ପଣ୍ଡା ଓ ଶୁଭ୍ରକାନ୍ତ ସାହୁ ସହଯୋଗ ଭିକ୍ଷା ନିମନ୍ତେ ଇଟୁଆ ଗାଆଁର ଶ୍ରୀ ରାଜେନ୍ଦ୍ର ମହାନ୍ତିଙ୍କ ଘର ଖୋଜିଖୋଜି ଚାଲିଥାଉଁ। ଘର ଚିହ୍ନିବାର ଦ୍ୱନ୍ଦରେ ପଡ଼ି ଏପାଖ ସେପାଖ ହେଉଥିବା ବେଳେ ଜଣେ ଭଦ୍ରଲୋକଙ୍କୁ ଦେଖି ରାଜେନ୍ଦ୍ରବାବୁଙ୍କ ଘର କେଉଁଠି ବୋଲି ପଚାରିଲୁ। ଭଦ୍ରବ୍ୟକ୍ତି ଆମକୁ ରାଜେନ୍ଦ୍ରବାବୁଙ୍କ ଘର ଦେଖାଇ ଦେଲେ ଏବଂ ଓଲଟି ପ୍ରଶ୍ନ କଲେ, 'ଆପଣମାନେ କିଏ ? କେଉଁଠୁ ଆସିଛନ୍ତି ?'

'କେଦାରପୁର' - ଆମେ ଜବାବ ଦେଲୁ।

ଆମ କଥା ଶୁଣି ସେ ଚମକି ପଡ଼ିଲେ ଯେମିତି। 'କେଦାରପୁର !' ବିସ୍ମୟ ଭରା କଣ୍ଠରେ ସେ କହି ଉଠିଲେ। 'ଆସନ୍ତୁ, ଆସନ୍ତୁ। ଆମ ଘରକୁ ଆସନ୍ତୁ। ଆପଣମାନେ ଗୋଟିଏ ଭଲ ଜାଗାରୁ ଆସିଛନ୍ତି।' ଶ୍ରଦ୍ଧାରେ ସେ ଆମକୁ ନିଜ ଘରକୁ ଡାକିନେଲେ। ଅତି ଆଦରରେ ଆମକୁ ଜଳପାନରେ ଆପ୍ୟାୟିତ କରିବା ପରେ ଆମ ସହିତ ରାଧାନାଥଙ୍କ ସ୍ମୃତି ରକ୍ଷା ଓ ସାହିତ୍ୟର ପ୍ରସାର ପ୍ରଚାର ଦିଗରେ ସ୍ମୃତି ପରିଷଦ କଣ ସବୁ ପଦକ୍ଷେପ ନେଉଛି ସେ ବିଷୟରେ ଦୀର୍ଘ ସମୟ ଆଲୋଚନା କଲେ। ନିଜେ ଜଣେ ମେଡିକାଲ ଇଂଜିନିଅର ହୋଇଥିବା ସତ୍ତ୍ୱେ ସାହିତ୍ୟରେ ତାଙ୍କର ଗଭୀର ରୁଚି ଥିବାର ଆମେ ଅନୁଭବ କଲୁ। ଖାଲି ସେତିକି ନୁହେଁ, ସାରାଜୀବନ ଓଡ଼ିଶା ବାହାରେ ଜୀବନ କାଟିଥିଲେ ବି ରାଧାନାଥ ସାହିତ୍ୟ ପ୍ରତି ତାଙ୍କର ଅନୁରାଗ ଆମକୁ ସ୍ତମ୍ଭିତ କଲା।

ସେହି ଭିତରେ ସୁଦୂର କାନାଡ଼ାରେ ରହୁଥିବା ତାଙ୍କର ଖୁଡ଼ୀ ଶ୍ରୀମତୀ ସ୍ନେହପ୍ରଭା ମହାନ୍ତିଙ୍କ ସହିତ ଭିଡିଓ କଲ୍ ଜରିଆରେ ଆମ ସହିତ କଥା କରାଇଲେ। ବଡ଼ ଆନନ୍ଦର କଥା ଶ୍ରୀମତୀ ମହାନ୍ତି ମଧ୍ୟ ରାଧାନାଥଙ୍କ ଜୟନ୍ତୀ ଉତ୍ସବ ପାଳନ କଥା ଶୁଣି ଖୁବ୍ ଖୁସି ହେଲେ ଓ ସେହି କାର୍ଯ୍ୟରେ ଆମକୁ ସହଯୋଗ କରିବାକୁ ନିଜଆଡୁ ପ୍ରତିଶ୍ରୁତି ଦେଲେ। ସେତେବେଳକୁ ଆମେ ଶ୍ରୀ ମହାନ୍ତିଙ୍କ ଘରେ ଘଂଟାଏରୁ ଊର୍ଦ୍ଧ୍ୱ ସମୟ ବସିସାରିଥିଲୁ। ତେଣୁ ତାଙ୍କ କଥାରେ ଦ୍ୱିତୀୟ କପ ଚାହା ପିଇବାକୁ ବାଧ୍ୟ ହେଲୁ।

ଚାହା କପ୍‌ର ମଜା ନେଉଥିବା ବେଳେ ସତ୍ୟଜିତ ବାବୁ ପଚାରିଲେ, 'ଆଚ୍ଛା, ସ୍ମୃତି ସଂସଦର ବା ରାଧାନାଥଙ୍କ ଉପରେ ୱେବସାଇଟ ଅଛି କି ?' ଆମେ ନା କରିବାରୁ ସେ ବିସ୍ମିତ ହେଲେ। 'ନା ନା, ଆପଣମାନେ ତୁରନ୍ତ ଗୋଟାଏ ୱେବସାଇଟ ଖୋଲନ୍ତୁ। ତାହାହେଲେ ଆଜିର ଯୁବପିଢ଼ୀ, ଗବେଷକ, ଦେଶବିଦେଶରେ ଥିବା ଲୋକ ସମସ୍ତେ ରାଧାନାଥ ସାହିତ୍ୟ ସହିତ ପରିଚିତ ହୋଇପାରିବେ। ଯିଏ ଯେଉଁଠି ଥିଲେ ବି ତାଙ୍କ ସାହିତ୍ୟ ପଢ଼ିପାରିବେ। ଆଜି ଯୁଗରେ ଏତେ ପଛରେ ରହିଲେ କେମିତି ହେବ ?'

ସେତକ କଥା ପରେ ତାଙ୍କର ଓ ତାଙ୍କ ଖୁଡ଼ୀଙ୍କ ଆଜୀବନ ସଦସ୍ୟତା ପାଇଁ ତୁରନ୍ତ ଦେୟ ପଇଠ କଲେ। ତା ସଙ୍ଗେ ସଙ୍ଗେ ତାଙ୍କର ଖୁଡ଼ୀ ଶ୍ରୀମତୀ ସ୍ନେହପ୍ରଭା ମହାନ୍ତି ରଚିତ ଏକ କବିତା ପୁସ୍ତକ ଆମକୁ ଭେଟି ଦେଇ ଆମକୁ ବିଦାୟ ଦେଲେ।

ସେ ବର୍ଷ ଜୟନ୍ତୀ ଉତ୍ସବ ପର ସମୀକ୍ଷା ବୈଠକରେ ଆମେମାନେ ଶ୍ରୀ ସତ୍ୟଜିତ ମହାନ୍ତି ଦେଇଥିବା ପରାମର୍ଶ ଏବଂ ଦେଖାଇଥିବା ସ୍ୱପ୍ନ ବିଷୟରେ ଆଲୋଚନା କଲୁ। ଏତେ ବଡ଼ କାର୍ଯ୍ୟ କିପରି ସମ୍ପାଦିତ କରାଯିବ ଆମେ ତାହାର କୌଣସି କୂଳକିନାରା ପାଉ ନ ଥିଲୁ। କାରଣ ଆମ ପାଖରେ କୌଣସି ଟେକନିକାଲ ଜ୍ଞାନ ନ ଥିଲା କିମ୍ବା ସେଥିପାଇଁ ଆବଶ୍ୟକ ପାଣ୍ଠି କେଉଁଠୁ ଆସିବ ତାହା ଭାବି ପାରୁନଥିଲୁ। କିନ୍ତୁ ସଂସଦର ଆଜୀବନ ସଦସ୍ୟ ଶ୍ରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ 'ଆମେ ୱେବସାଇଟ କରିପାରିବା। ମୁଁ ସେ ଦାୟିତ୍ୱ ନେବି।' କହି ଆମକୁ ବଳ ଦେଲେ ଏବଂ ସ୍ୱେଚ୍ଛାରେ ୱେବସାଇଟ

ପ୍ରସ୍ତୁତିର ଟେକନିକାଲ ଦାୟିତ୍ୱ ବହନ କଲେ । ତା ସାଙ୍ଗକୁ ଶ୍ରୀ ଅନିରୁଦ୍ଧ ରାଉତ ଓ ଶ୍ରୀ ମନୀନ୍ଦ୍ର କୁମାର ଦୀକ୍ଷିତ ସେଥିପାଇଁ ପାଠ୍ୟ ପ୍ରସ୍ତୁତିର ଦାୟିତ୍ୱ ବହନ କଲେ । ସତରେ ଆମେ ଲକ୍ଷ୍ୟସ୍ଥଳରେ ପହଂଚି ପାରିବୁ କି ନାହିଁ କିଛି ନ ଭାବି କାର୍ଯ୍ୟ ଆରମ୍ଭ କଲୁ ।

ବିଭିନ୍ନ ସମୟରେ ଶ୍ରୀ ସତ୍ୟନାରାୟଣ ପଣ୍ଡା, ଶ୍ରୀ ଗଙ୍ଗାଧର ପାଢ଼ୀ, ଶ୍ରୀ ଶୁଭେନ୍ଦୁ କୁମାର ରାୟ, ଶ୍ରୀ ଆଲୋକ ରାୟ, ଶ୍ରୀ ପ୍ରଭାତ କୁମାର ପାକଳ ଓ ଶ୍ରୀ ବିଶ୍ୱନାଥ ଘୋଷ (ମୁଁ ନିଜେ) ପୁସ୍ତକ ସଂଗ୍ରହ କରିବା, ପାଠ୍ୟ ପ୍ରସ୍ତୁତି, ତଥ୍ୟ ସଂଗ୍ରହ, ସମୀକ୍ଷା ଆଦି କାର୍ଯ୍ୟରେ ଅକୁଣ୍ଠ ସହଯୋଗ ପ୍ରଦାନ କଲେ । ଏପରିକି ସଂସଦର ଆଜୀବନ ସଦସ୍ୟ ଡଃ ରମାକାନ୍ତ ବେହେରା, ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅଧ୍ୟାପକ ଡଃ ରବୀନ୍ଦ୍ର ବିହାରୀ ଏବଂ ଓଡ଼ିଶାର ସ୍ୱନାମଧନ୍ୟ ସାହିତ୍ୟ ସମୀକ୍ଷକ ପ୍ରଫେସର ବୈଷ୍ଣବ ଚରଣ ସାମଲ ପାଠ୍ୟବସ୍ତୁ ସଂଗ୍ରହରେ ଶ୍ରଦ୍ଧାର ସହିତ ଆଗେଇ ଆସିଥିଲେ । ସଂସଦର ସଦସ୍ୟମାନେ ଏଥିରେ ଉତ୍ସାହିତ ହୋଇ ୱେବସାଇଟ ପ୍ରସ୍ତୁତି ପାଇଁ ଯାହା ଖର୍ଚ୍ଚ ହେବ ତାହା ସ୍ୱେଚ୍ଛାରେ ଦାନ କରିବାକୁ ଆଗଭର ହେବା ସହ ସମସ୍ତେ ନିଜନିଜର କ୍ଷମତା ମୁତାବକ ଏହି କାର୍ଯ୍ୟରେ ନିଜର ଅବଦାନ ରଖିଥିଲେ । ଗ୍ରୀଷ୍ମ ଅବକାଶ କାଳରେ ଦ୍ରୁତ ଗତିରେ ବହୁ କାର୍ଯ୍ୟ ସମ୍ପାଦିତ ହୋଇ ୨୦୨୦ ଜୟନ୍ତୀ ଦିବସରେ ତାହା ଲୋକାର୍ପିତ ହେବ ବୋଲି ଯୋଜନା ଥିଲା । କିନ୍ତୁ ଅକସ୍ମାତ୍ ମହାମାରୀ କରୋନା ପାଇଁ ଛଅ ମାସ ଧରି ସବୁ ବନ୍ଦ ହୋଇଯିବାରୁ ୨୦୨୦ ସେପ୍ଟେମ୍ବର ୨୮ ରେ ୱେବସାଇଟ ଲୋକାର୍ପିତ ହେବାର ଆଶା ମଉଳିଗଲା ।

ହେଲେ ସମସ୍ତ ନୀତିନିୟମ ମାନି, ସାମାଜିକ ଦୂରତା ରକ୍ଷା କରି, ଫୋନରେ କଥା ହୋଇ କିମ୍ବା ଜଣେ ଦୁଇଜଣରେ ବୈଠକ କରି ମାର୍ଚ୍ଚରୁ ଅଗଷ୍ଟ ଭିତରେ ସମସ୍ତଙ୍କର ଅକ୍ଳାନ୍ତ ଉଦ୍ୟମ ବଳରେ ସେପ୍ଟେମ୍ବର ୧୦ ବେଳକୁ ୱେବସାଇଟର ପ୍ରାଥମିକ ପ୍ରସ୍ତୁତି ଶେଷ ହେଲା । ସଂଶୋଧନ ପାଇଁ ହାତରେ ମାତ୍ର ପନ୍ଦର ଦିନ । ଏତିକିବେଳକୁ କରୋନା ମହାମାରୀ ତାର କାୟା ବିସ୍ତାର କରି ଆତଙ୍କ ଖେଳାଇ ଦେଲାଣି । ତା ମଝିରେ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି କରିବାକୁ ହେବ ।

ଏହି ସମୟରେ ଏହି କାର୍ଯ୍ୟ ସମ୍ପାଦନ କରୁଥିବା ଶ୍ରୀ ପ୍ରଭାତ କୁମାର ପାକଳ କରୋନା ଆକ୍ରାନ୍ତ ହୋଇ ସଙ୍ଗରୋଧରେ ରହିଗଲେ ଏବଂ ଶ୍ରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ସେପ୍ଟେମ୍ବର ୧୨ ତାରିଖ ବେଳକୁ କରୋନା ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଗଲେ । ଶ୍ରୀ ସତ୍ୟନାରାୟଣ ପଣ୍ଡା କଟକ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥାନରେ ଅଧ୍ୟକ୍ଷ ଭାବେ ଯୋଗଦାନ କରି ସେଠାରେ ରହଣି କରିବାରୁ ଆମ ସ୍ୱପ୍ନ ଅଧୁରା ରହିଯିବ ବୋଲି ଆଶଙ୍କା ଜାତ ହେଲା । ହେଲେ କୌଣସି ବାଧକ ଆମକୁ ଆମ ଲକ୍ଷ୍ୟପଥରୁ ବିଚ୍ୟୁତ କରିପାରିଲା ନାହିଁ । ସଙ୍ଗରୋଧରେ ଥାଇ ଶ୍ରୀ ପାକଳ ଏବଂ ଡାକ୍ତରଖାନାରେ ଥାଇ ଶ୍ରୀ ପାଣିଗ୍ରାହୀ ସଂଶୋଧନ ଓ ସମୀକ୍ଷା କରିବା ସହିତ ଲଗାତର ଆମକୁ ଉତ୍ସାହିତ କରିଥିବାରୁ ସମସ୍ତ କାର୍ଯ୍ୟ ଠିକ୍ ଭାବରେ ଚାଲୁରହିଲା । ସବୁ ବାଧାକୁ ପ୍ରତିହତ କରି ଯିଏ ଯେଉଁଠି ଥିଲେ ବି, ଯେତେ ଅସୁବିଧାରେ ଥିଲେ ବି ନିଜ ନିଜର ପୂର୍ଣ୍ଣ ଅବଦାନ ରଖିବାରୁ ସେପ୍ଟେମ୍ବର ୨୪ ତାରିଖ ସଂନ୍ଧ୍ୟା ସୁଦ୍ଧା ପ୍ରସ୍ତୁତ କରାଯାଇଥିବା ୱେବସାଇଟର ସଂଶୋଧନ ଓ ବିକାଶ କାର୍ଯ୍ୟ ଅଶୀଭାଗ ସଂପାଦିତ ହେଲା ।

ବାକି ଦୁଇଦିନରେ ବାକି କୋଡ଼ିଏ ଭାଗ ସଂଶୋଧନ କାର୍ଯ୍ୟ ନିଶ୍ଚିତ ଭାବେ ସମାପିତ ହୋଇପାରିବ ଭରସା ରଖି ପଚିଶ ତାରିଖ ସନ୍ଧ୍ୟାରେ ମୁଁ ସଂସଦର ୱାଟ୍‌ସାପ୍ ଗ୍ରୁପରେ ସମସ୍ତଙ୍କ ପାଇଁ ଖୁସି ଖବରଟିଏ ଲେଖିଲି - ଆଗାମୀ ୨୮ ତାରିଖ କବିବରଙ୍କ ଜୟନ୍ତୀ ଉତ୍ସବରେ ***କବିବର ରାଧାନାଥ ରାୟ*** ୱେବସାଇଟ ଲୋକାର୍ପିତ ହେବ ।

| | | |
|---|---|---|
| *କଥା* | - | ବିଶ୍ୱନାଥ ଘୋଷ |
| *ଆଲେଖ୍ୟ* | - | ଅନିରୁଦ୍ଧ ରାଉତ |